

ଅନ୍ୟ ପକ୍ଷରେ ନିଜର ବୈଚାରିକ କଳ୍ପନାକୁ ରୂପରେଖ ଦେବାକୁ ଯାଇ ସେ ଅଭିଧାନ ଓ ବିଶ୍ୱକୋଷ ଲେଖିବା ପାଇଁ ପ୍ରୟାସ ଆରମ୍ଭ କରିଦେଇଥିଲେ। ଏହି ଯଶସ୍ୱୀ କଥାକାର ପିଲାମାନଙ୍କ ପ୍ରତି ଅତି ଗୁରୁତ୍ୱ ଦେଇ ଶିଶୁସାହିତ୍ୟରେ ଲାଗିପଡ଼ିଥିଲେ। ଏହି କ୍ରମରେ ସେ ପ୍ରାୟ ଦୁଇଶହରୁ ଅଧିକ ଶିଶୁ ସାହିତ୍ୟ ପୁସ୍ତକ ରଚନା କରିଛନ୍ତି। ଏସବୁ ପୁସ୍ତକରେ ମହାତ୍ମାଗାନ୍ଧୀଙ୍କ ରଚନାତ୍ମକ ବା ସୁଧାରବାଦ ସ୍ୱର ପ୍ରାୟତଃ ମୁଖର ହୋଇରହିଛି। ସମାଜ ପରିବର୍ତ୍ତନର ଲକ୍ଷ୍ୟ ନେଇ ଏହି ଗାନ୍ଧୀବାଦୀ ଲେଖକ ଅନେକ ନାଟକ ରଚନା କରିଛନ୍ତି। ବ୍ୟକ୍ତିଗତ ଜୀବନରେ ଆସିଥିବା ନାନା ଝଡ଼ଝଞ୍ଜାକୁ ଖାତିର ନ କରି ସେ ଗୋଟିଏ ପରେ ଗୋଟିଏ, ମୋଟ ଅଣଚାଳିଶି ଖଣ୍ଡ ମୌଳିକ ଉପନ୍ୟାସ ରଚନା କରିଛନ୍ତି ଯହିଁରେ ବ୍ୟକ୍ତି ମଣିଷର ବହୁ ଦୁଃଖଦ ଘଟଣାର ବର୍ଣ୍ଣନା ରହିଥିଲେ ମଧ ସେ ମଣିଷ ଜୀବନର ସହଜ ଜିଜୀବିଷାକୁ ଅତି ସମ୍ବେଦନଶୀଳତାର ସହ ଉପସ୍ଥାପିତ କରିଛନ୍ତି। ତାଙ୍କ ରଚନାର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ମଣିଷ ଜୀବନର ସଙ୍କଟମୟ ସ୍ଥିତିରେ ବି ଚିରନ୍ତନ ସତ୍ୟକୁ ତାଙ୍କ ରଚନାର ଚରିତ୍ରମାନେ ପରିତ୍ୟାଗ କରି ନାହାନ୍ତି।

ଏହି ବରେଣ୍ୟ କଥାଶିଳ୍ପୀ ତାଙ୍କ ରଚନାର ପ୍ରାରମ୍ଭିକ କାଳରେ ଈଶ୍ୱର ବିଶ୍ୱାସକୁ ନେଇ ଯେଉଁ ସବୁ ଅସଙ୍ଗତି ଓ ଭ୍ରାନ୍ତ ଧାରଣା ସବୁ ରହିଛି ତାହାର ପ୍ରତିବାଦ କରିଛନ୍ତି। କିନ୍ତୁ ପରବର୍ତ୍ତୀ କାଳରେ ସେହି ସବୁ ମିଥ୍ ବା ପୁରାକଳ୍ପକୁ ପରମ୍ପରାର ଅଂଶ ବିଶେଷ ବୋଲି ସ୍ୱୀକାର କରି ତାକୁ ଯଥାଯଥ ସମ୍ମାନ ଜଣାଇ ମଧ ତାହାର କୁପରିଣାମକୁ ଦର୍ଶାଇବାରେ ଆଦୌ କୁଣ୍ଠାବୋଧ କରିନାହାନ୍ତି। ତାଙ୍କ ପୁରସ୍କୃତ ଉପନ୍ୟାସ 'ମୂକଜ୍ଜୀୟ କନସୁଗଲୁ'ରେ କଥାଶିଳ୍ପୀ ତାଙ୍କ ଅନ୍ୱେଷଣରେ ଏକ ନୂଆ ଯାତ୍ରାର ଦିଶା ଗ୍ରହଣ କରିଛନ୍ତି। ଏହାର ଅଭିପ୍ରାୟ, ଉପନ୍ୟାସ ମାଧ୍ୟମରେ ପ୍ରାଗୈତିହାସିକ କାଳରୁ ଆରମ୍ଭ କରି ବର୍ତ୍ତମାନକାଳ ପର୍ଯ୍ୟନ୍ତ ମାନବ ସଭ୍ୟତାର ପରିଚୟ ପ୍ରଦାନ କରିବା। ଏଥି ସକାଶେ ସେ ପ୍ରମୁଖ ଚରିତ୍ର ଭାବେ ଏପରି ଜଣେ ବିଧବା ବୃଦ୍ଧାର କଳ୍ପନା କରିଛନ୍ତି ଯାହାଙ୍କର ରହିଛି ମାନସିକ ଓ ମାନବିକ ସମ୍ବେଦନଶୀଳତା। ଏହି ପୁସ୍ତକରେ ଲେଖକ ପ୍ରମାଣ କରିବାକୁ ଚାହାଁନ୍ତି ଯେ ଈଶ୍ୱରଙ୍କୁ ନେଇ ମଣିଷ ମନରେ ଯେଉଁ ଧାରଣା ରହିଛି ତାହା ଇତିହାସରେ ଅପରିବର୍ତ୍ତିତ ରହି ଆସିଛି। ବିଧବା ବୃଦ୍ଧା ଚରିତ୍ରର ଜୈବିକ ପ୍ରବୃତ୍ତିରେ ଦେହଜ କାମନା ଅନିର୍ବାଯ୍ୟ ବୋଲି ଦର୍ଶାଯାଇଛି। ଏହି ଦେହ ଭୋଗ ବା ଇନ୍ଦ୍ରିୟ ଲାଳସା 'ବୈରାଗ୍ୟ ଧାରଣ'ରେ ବର୍ଜନ କରିବା ଅସମ୍ଭବ ବୋଲି ମଧ କୁହାଯାଇଛି।

ତାଙ୍କ ଉପନ୍ୟାସର ଏହି ଚରିତ୍ର ଜଣକ କେବଳ ଜଣେ ବୃଦ୍ଧା ନୁହନ୍ତି, ସେ ଆମ ଦେଶର ପ୍ରାଚୀନ ମୂଲ୍ୟବୋଧର ପ୍ରତୀକ ବା ପ୍ରତିନିଧି ସ୍ୱରୂପ। ସେ ଏକ ଅଶ୍ୱତ୍ଥ ବୃକ୍ଷମୂଳରେ ବସି ତାଙ୍କ ପୌତ୍ର ପ୍ରୋତ୍ରୀମାନଙ୍କୁ ଅର୍ଥାତ୍ ଏଇ ସମକାଳରେ ଆମକୁ ସୁଦୂର ଅତୀତର ଚିତ୍ର ଦର୍ଶାଉଛନ୍ତି ଏବଂ ଏଥି ସହିତ ଅତୀତର ମିଥ୍ୟାଚାର ଓ ଭାଣ୍ଡାମିର ଯାବତୀୟ ଆବରଣକୁ ଉତାରି ଦେଉଛନ୍ତି। ତାଙ୍କର ପ୍ରତିଟି ପ୍ରସଙ୍ଗରେ ଗୋଟିଏ କଥା ଉପରେ ଜୋର୍ ଦିଆଯାଇଛି ଯେ ମଣିଷ ଜୀବନ ସେତେବେଳେ ଯେପରି ଥିଲା ଏବେ ବି ସେହିପରି ରହିଛି। ସମସ୍ତଙ୍କୁ ଏକତ୍ର କରି ମଣିଷ ଜୀବନର ସମ୍ପୂର୍ଣ୍ଣ ଚିତ୍ରକୁ ଅବଲୋକନ କରିବା ଆବଶ୍ୟକ। ମହିଳାମାନଙ୍କ ପ୍ରତି ସେ ଅଧିକ ସମ୍ବେଦନଶୀଳ, ଏଇଥି ପାଇଁ ଯେ ତାହା ପୁରୁଷବର୍ଗ ଦ୍ୱାରା ନିର୍ଯାତିତ। ଏହି ଉପନ୍ୟାସର ଆରମ୍ଭରୁ ଶେଷ ଯାଏ କଥାକାର ମୂକଜ୍ଜୀଙ୍କ ମାଧ୍ୟମରେ ନିଜ କଥା, ଯୁକ୍ତି ଓ ବୟାନ ଉପସ୍ଥାପନ କରିଚାଲିଛନ୍ତି।

ଏହି ବୃଦ୍ଧା ଚରିତ୍ରଟି ଯିଏ ଦୁଃଖ ଓ ବେଦନା ସହ୍ୟ କରି ଚାଲିଛି ସାରା ଜୀବନ ଓ ପ୍ରକୃତିର ବିଶାଳ ମୁକ୍ତ ପ୍ରାଙ୍ଗଣରେ ଥିବା ଏକ ଅଶ୍ୱତ୍ଥ